ODM EDUCATIONAL GROUP
Changing your Tomorrow

# ଧୂଳି

କବି:ବିଦ୍ୟୁତପ୍ରଭା ଦେବୀ
ଶ୍ରେଣୀ:ଷଷ୍ଠ
ତୃତୀୟ ଦିନ

## SUB-CONCEPTS:ସବୁ ପ୍ରକାର ଚାପ ସହିବାରେ ଧୂଳି ଦକ୍ଷ ଅଟେ ।

## ପୂର୍ବପାଠ୍ୟର ଆଲୋଚନା:

- କେଉଁମାନେ ଧୂଳିକୁ ପୀଡା ଦିଅନ୍ତି ?
- ଧୂଳି କିପରି ଭାବେ ଧରା ପୃଷ୍ଠରେ ପଡିରହିଛି ?
- ଧୂଳିକଣା ନିଜକୁ କ'ଣ ବୋଲି କହିଛି ?

# କବିତାଂଶ ଆଲୋଚନା:

ଜଗତେ ମୋର କି ଯାଏ ଆସେ
ଦୁଃଖେ ଅବା ସୁଖେ
ଏତିକି ଜାଣେ ବିଶ୍ୱ ଜୀବ
ମିଶଇ ମୋର ବୁକେ ।
ବାକ୍ୟ ହୀନ ନିଃସ୍ୱ ମୁହିଁ
ଭରସାହୀନ ଚିର ।
ସକଳ ଚାପ ନେବାରେ ସହି
ଦକ୍ଷ ଏ ମୋ ଶିର ।
ସୃଷ୍ଟି ଦିନୁ ଦେଖୁଛି ବସି
ସକଳ ଅଭିଯାନ
ଆକାଶ ତଳେ ଧୂଳିକଣା ମୁଁ
ବିଶ୍ୱେ ଅତି ସାନ ।



ODM EDUCATIONAL GROUP

- ଏ ପୃଥିବୀରେ ଘଟୁଥିବା ଦୁଃଖ ସୁଖ ସହିତ ତା'ର କୌଣସି ସମ୍ପର୍କ ନାହିଁ । ତେବେ ସେ ଖାଲି ଜାଣିଛି ଏ ବିଶ୍ୱ ଜୀବ ଗଣ ତାରି ଦେହରେ ଶେଷରେ

  ବିଲୀନ ହେବେ ।
- ତା'ର ମୁହଁରୁ କଥା ବାହାରୁ ନାହିଁ । ସେ ଅତି ଦରିଦ୍ର ।ତା'ର କେହି ସାହା ଭରଷା ନାହିଁ ।   ତଥାପି ସବୁ ପ୍ରକାର ଚାପ ସହି ନେବାରେ ତା'ର ମଥା ବେଶ ଦକ୍ଷ ଅଟେ ।
- ସୃଷ୍ଟିର ଆରମ୍ଭକାଳରୁ ଧୂଳି ସବୁକିଛି ଅଭିଯାନ ବସି ଦେଖୁଛି ।
- ତଳେ ଥିବା ଧୂଳିକଣା ଏ ପୃଥିବୀରେ ଖୁବ ସାନ ହେଲେ ମଧ୍ୟ ତା'ର ଆଦର୍ଶ ଅତ୍ୟନ୍ତ ମହାନ ।

ODM EDUCATIONAL GROUP

# କଠିନ ଶବ୍ଦର ଅର୍ଥ :

- ନିଃସ୍ୱ-ଦରିଦ୍ର
- ଭରଷାହୀନ-ଭରଷା ଶୂନ୍ୟ
- ଚିର-ସର୍ବଦା
- ଦକ୍ଷ-ଯୋଗ୍ୟ
- ଶିର-ମଥା
- ବୁକେ-ଦେହରେ

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ଚିର-ଅଚିର

ସୃଷ୍ଟି-ଧ୍ୱଂସ

ବାକ୍ୟ-କୁବାକ୍ୟ

## ପ୍ରତିଶବ୍ଦ:

ସକଳ-ସର୍ବଦା,ସବୁ

ଶିର-ମଥା,ମୁଣ୍ଡ

# ଗୃହକର୍ମ:

୧୦ଟି ବସ୍ତୁନିଷ୍ଠ ପ୍ରଶ୍ନ ପ୍ରସ୍ତୁତ କରିବ ।

# THANKING YOU

# ODM EDUCATIONAL GROUP